# ସର୍ବଭାରତୀୟ ଯୋଗାଣ ଶୃଙ୍ଖଳା ବିସ୍ତାର ସହିତ ଭାରତକୁ ପାର୍ବଣ ଉତ୍ସାହ ଆଣିଛି ଫ୍ଲିପ୍‌କାର୍ଟ

***. ୩୦୦୦ରୁ ଅଧିକ ଫ୍ୟାସିଲିଟି ସହିତ ଦୁର୍ଗମ ଅଂଚଳକୁ ପହଂଚ ବିସ୍ତାର କରିଛି ଏବଂ ଟାୟାର-୩ ସହର ଓ ଏହା ବହାରେ ଉପସ୍ଥିତିକୁ ମଜଭୁତ କରିଛି ।***

***. ଭିତିଭୂମି ସମ୍ପ୍ରସାରଣ ନୂତନ ଜୀବିକାକୁ ସମର୍ଥନ କରିବ ।***

ବେଙ୍ଗାଲୁରୁ, ୮ ଅକ୍ଟୋବର ୨୦୨୦: ଅନ୍‌ଲାଇନ୍ ଆସୁଥିବା ଲକ୍ଷ ଲକ୍ଷ ନୂତନ ଓ ପୁରାତନ ଉପଭୋକ୍ତାଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଏବଂ ଲକ୍ଷାଧିକ ଏମ୍ଏସ୍ଏମ୍ଇ, ସେଲର୍, କାରିଗର ଓ କିରାନାମାନଙ୍କ ପାଇଁ ବଜାର ପହଂଚକୁ ସପୋର୍ଟ କରିବା ଲାଗି ଭାରତର ଘରୋଇ ଇ-କମର୍ସ ମାର୍କେଟ୍‌ପ୍ଲେ ଫ୍ଲିପ୍‌କାର୍ଟ ଦେଶବ୍ୟାପୀ ଏହାର ଯୋଗାଣ ଶୃଙ୍ଖଳାକୁ ସମ୍ପ୍ରସାରଣ କରିଛି । ଏହି ବିଶାଳ ଭିତିଭୂମି ନିବେଶ ପାର୍ବଣ ଓ ବିଗ୍ ବିଲିୟନ ଡେଜ୍ (ବିବିଡି) ଫେଷ୍ଟିଭ୍ ଇଭେଂଟ୍‌କୁ ଦୃଷ୍ଟିରେ ରଖି ଭାରତର ଉପଭୋକ୍ତା ଘରକୁ ପାର୍ବଣ ଉତ୍ସାହ ଆଣିବା ପାଇଁ ଲକ୍ଷ୍ୟ ରଖିଛି । ଏହି ପ୍ରକ୍ରିୟାର ଅଂଶ ଭାବେ ଏହା ଚଳିତ ପାର୍ବଣ ସମୟରେ ଉପଭୋକ୍ତାଙ୍କୁ ଏକ ଦକ୍ଷ ଓ ଦ୍ରୁତ ଇକମର୍ସ ଅଭିଜ୍ଞତା ପ୍ରଦାନ କରିବା ଲାଗି ଦେଶବ୍ୟାପୀ ୩୦୦୦ରୁ ଅଧିକ ଫ୍ୟାସିଲିଟି ସହିତ ଶେଷ ମାଇଲ୍ ପର୍ଯ୍ୟନ୍ତ ପହଂଚକୁ ବୃଦ୍ଧି କରିଛି । ଏହି ସମ୍ପ୍ରସାରଣ ଛୋଟ ସହରର ଲକ୍ଷ ଲକ୍ଷ ସେଲର୍ ଓ କାରିଗରଙ୍କୁ ଫ୍ଲିପ୍‌କାର୍ଟର ଯୋଗାଣ ଶୃଙ୍ଖଳା ମାଧ୍ୟମରେ ସର୍ବଭାରତୀୟ ଉପଭୋକ୍ତା ଆଧାର ସହିତ ସଂଯୋଗ ହେବା ପାଇଁ ସାହାଯ୍ୟ କରିବ ।

ଫ୍ଲିପ୍‌କାର୍ଟ ଦେଶବ୍ୟାପୀ ଫୁଲ୍‌ଫିଲ୍‌ମେଂଟ୍ ସେଂଟର୍, ମଦର ହବ୍ ଓ ଡେଲିଭରି ସେଂଟର୍ ସମେତ ଏହାର ଯୋଗାଣ ଶୃଙ୍ଖଳା ସମ୍ପ୍ରତିରେ ୩.୪ ମିଲିୟନ ବର୍ଗଫୁଟ୍‌ରୁ ଅଧିକ ଅଂଚଳକୁ ସାମିଲ କରିଛି । ଏହି ବିଶାଳ ଫୁଲ୍‌ଫିଲ୍‌ମେଂଟ୍ ସେଂଟର୍‌ଗୁଡିକ ପ୍ରତ୍ୟେକ ୫ ଲକ୍ଷ ବର୍ଗଫୁଟ୍ ପର୍ଯ୍ୟନ୍ତ ଅଂଚଳରେ ପରିବ୍ୟାପ୍ତ ଏବଂ ଏଗୁଡିକ ସେଲର୍ ଓ ଗ୍ରାହକଙ୍କ ମଧ୍ୟରେ ସାମଗ୍ରୀଗୁଡିକର ବାଧାହୀନ ପରିବହନକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାନ୍ତି । ମଦରହବ୍ କିମ୍ବା ସର୍ଟେସନ ସେଂଟର୍ ସହିତ ଏହି ଫୁଲ୍‌ଫିଲ୍‌ମେଂଟ୍ ସେଂଟର୍ ଓ ଡେଲିଭରି ସେଂଟର୍‌ଗୁଡିକ ଦେଶରେ ବହୁସଂଖ୍ୟକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବାରେ ଯୋଗଦାନ ଦେଇଥାନ୍ତି । ଏଥିସହିତ ଫ୍ଲିପ୍‌କାର୍ଟ ପାଇଁ ମୋଟ ୱାୟାରହାଉସିଙ୍ଗ୍ ସ୍ପେସ୍ ଏବେ ୧୮ ମିଲିୟନ ବର୍ଗଫୁଟ୍‌ରୁ ଅଧିକ ରହିଥିବା ବେଳେ ପାର୍ଟନର୍ ବ୍ରାଣ୍ଡଗୁଡିକରୁ ଲକ୍ଷାଧିକ ବର୍ଗଫୁଟ୍‌ର ସମ୍ପତି ମଧ୍ୟ ସାମିଲ ରହିଛି । ଏହା ଦେଶବ୍ୟାପୀ ୫୦,୦୦୦ରୁ ଅଧିକ କିରାନାଙ୍କ ଅନ୍‌ବୋର୍ଡିଙ୍ଗ୍ ସହିତ ଆହୁରି ସୁଦୃଢ ହୋଇଛି ଯାହାକି ପାର୍ବଣ ଋତୁ ସମୟରେ ଅଧିକ ସଂଖ୍ୟକ ସିପ୍‌ମେଂଟ୍‌କୁ ପରିଚାଳନା କରିବାରେ ସାହାଯ୍ୟ କରିବେ ।

ଏସମ୍ପର୍କରେ ଫ୍ଲିପ୍‌କାର୍ଟର ଇକାର୍ଟ ଓ ମାର୍କେଟ୍‌ପ୍ଲେସ୍‌ର ବରିଷ୍ଠ ଉପାଧ୍ୟକ୍ଷ ଅମିତେଶ ଝା କହିଛନ୍ତି, ଫ୍ଲିପ୍‌କାର୍ଟ ଇ-କମର୍ସର ଲାଭର ସମାନ ବିତରଣ ସୁନିଶ୍ଚିତ କରିବା ପାଇଁ ଉପଭୋକ୍ତାଙ୍କୁ ଅନ୍‌ଲାଇନ୍ ଆଣିବା ଲାଗି ସବୁବେଳେ ପ୍ରତିବଦ୍ଧ ରହିଥାଏ । ଏହି କରୋନା ମହାମାରୀ ବିଶେଷ କରି ଛୋଟ ସହରଗୁଡିକରେ ଇକମର୍ସ ସେବାଗୁଡିକ ପାଇଁ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ଲାଗି ଦେଶବ୍ୟାପୀ ଆମର ଯୋଗାଣ ଶୃଙ୍ଖଳାର ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିଛି । ଆଗାମୀ କିଛି ବର୍ଷ ମଧ୍ୟରେ ଇକମର୍ସର ବିକାଶକୁ ଦୃଷ୍ଟିରେ ରଖି ଏହି ସମ୍ପ୍ରସାରଣ ଆମକୁ ଲକ୍ଷ ଲକ୍ଷ ସେଲର୍ ଓ କାରିଗରଙ୍କ ସହିତ ଏକ ଦ୍ରୁତ ଓ ଦକ୍ଷ ଶୈଳୀରେ ଦେଶର ଉପଭୋକ୍ତାଙ୍କ ସହ ସଂଯୋଗ ହେବା ପାଇଁ ସକ୍ଷମ କରିବ ।

ଚଳିତ ପାର୍ବଣ ରତୁରେ ଏହି ଅତିରିକ୍ତ ସ୍ଥାନ ଓ ଭିତିଭୂମି ନିବେଶ ବିଶେଷ କରି ଲକ୍‌ଡାଉନ୍ ଯୋଗୁ ନିଜ ସହରକୁ ଫେରିଯାଇଥିବା ଲୋକମାନଙ୍କ ପାଇଁ ସ୍ଥାନୀୟ ନିଯୁକ୍ତିକୁ ବୃଦ୍ଧି କରିବ ଏବଂ ସ୍ଥାନୀୟ ବ୍ୟବସାୟଗୁଡିକ ପାଇଁ ଫ୍ଲିପ୍‌କାର୍ଟ ସହିତ ନିଜ ପରିଚାଳନାକୁ ବଢାଇବା ଲାଗି ସୁଯୋଗ ସୃଷ୍ଟି କରିବ ।

ଯୋଗାଣ ଶୃଙ୍ଖଳା ସମ୍ପ୍ରତିର ଏହି ବିସ୍ତୃତ ନେଟ୍‌ୱର୍କ ଇକମର୍ସର ମୂଲ୍ୟ ଓ ସୁବିଧାର ଅଭିଜ୍ଞତା ପାଇବା ପାଇଁ ଅନ୍‌ଲାଇନ୍ ଆସୁଥିବା ଛୋଟ ସହରଗୁଡିକର ଲକ୍ଷ ଲକ୍ଷ ନୂତନ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ଏହା ମେଟ୍ରୋ ସହର ସମେତ ଟାୟାର ୨, ୩ ସହର ଏବଂ ଏହା ବାହାରେ ଯେପରିକି ଲଦାଖ, ବିଷ୍ଣୁପୁର (ମଣିପୁର) ଓ ଦିମାପୁର (ନାଗାଲ୍ୟାଣ୍ଡ) ଆଦି ସହରରେ ଫ୍ଲିପ୍‌କାର୍ଟର ଉପସ୍ଥିତିକୁ ଆହୁରି ମଜଭୁତ କରିବାରେ ଏବଂ ଏକ ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିବ । ଚଳିତ ପାର୍ବଣ ରତୁରେ ଫ୍ଲିପ୍‌କାର୍ଟ ଏହାର ସର୍ବଭାରତୀୟ ଯୋଗାଣ ଶୃଙ୍ଖଳା ମାଧମରେ ପ୍ରାୟ ୭୦,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ଓ ଲକ୍ଷ ଲକ୍ଷ ପରୋକ୍ଷ ନିଯୁକ୍ତି ସୃଷ୍ଟି କରୁଛି ।

କୋଭିଡ୍‌୧୯ ମହାମାରୀ ଉପଭୋକ୍ତାଙ୍କ କ୍ରୟ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିଛି ଏବଂ ବିଭିନ୍ନ ଉତ୍ପାଦ ବର୍ଗରେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ପାଇଁ ସେଲରଙ୍କ ସ୍ଥାନାନ୍ତରଣକୁ ତ୍ୱରାନ୍ୱିତ କରିଛି କାରଣ ସେମାନେ ନିଜ ଜୀବନରେ ଇକମର୍ସ କ୍ଷେତ୍ରରେ ଏକ ଉନ୍ନତ ଭୂମିକା ଚାହୁଁଛନ୍ତି । ଅତ୍ୟାବଶ୍ୟକୀୟ ସାମଗ୍ରୀ ଯେପରିକି ଗ୍ରସରୀଠାରୁ ଆରମ୍ଭ କରି ଗ୍ରୁମିଙ୍ଗ୍ ଉତ୍ପାଦ, ଡବ୍ଲ୍ୟୁଟିଏଫ୍ ଫର୍ଣ୍ଣିଚରରୁ ହୋମ୍ ଆପ୍ଲାଏନ୍ସେସ୍ ପର୍ଯ୍ୟନ୍ତ, ଇକମର୍ସ ଦେଶର ସେଲର୍ ଓ ଉପଭୋକ୍ତାଙ୍କ ପାଇଁ ସବୁଠାରୁ ପସନ୍ଦର ବିକଳ୍ପରେ ପରିଣତ ହୋଇଛି । ମହାମାରୀ ପୂର୍ବରୁ ମେଟ୍ରୋ ସହରଗୁଡିକ ଏହି ଟ୍ରେଣ୍ଡର ଏକ ବୃହତ୍ ଭାଗକୁ ଅକ୍ତିଆର୍ କରିଥିବା ବେଳେ ଏହି ମହାମାରୀ ଟାୟାର ୨ ଓ ୩ ବଜାରଗୁଡିକର ଉପଭୋକ୍ତା ଓ ସେଲର୍‌ମାନଙ୍କର ଇକମର୍ସକୁ ସ୍ଥାନାନ୍ତରଣକୁ ତ୍ୱରାନ୍ୱିତ କରିଛି । ପାର୍ବଣ ରତୁକୁ ଦୃଷ୍ଟିରେ ରଖି ଉକ୍ତ ଅଂଚଳଗୁଡିକରେ ଫ୍ଲିପ୍‌କାର୍ଟର ଯୋଗାଣ ଶୃଙ୍ଖଳାର ସମ୍ପ୍ରସାରଣ ଉପଭୋକ୍ତା, ସେଲର୍, କାରିଗର ଓ ଅନ୍ୟ ଇକୋସିଷ୍ଟମ ସହଯୋଗୀଙ୍କ ପାଇଁ ଏକ ବିଜୟୀ ସ୍ଥିତି ସୃଷ୍ଟି କରିବ ।

ଆଗାମୀ ପାର୍ବଣ ରତୁ ଓ ବିଗ୍ ବିଲିୟନ ଡେଜ୍ ସହିତ ଫ୍ଲିପ୍‌କାର୍ଟ ଯୋଗାଣ ଶୃଙ୍ଖଳାର ସମ୍ପ୍ରସାରଣ ସହିତ ବହୁସଂଖ୍ୟକ ନିଯୁକ୍ତି ମଧ୍ୟ ସୃଷ୍ଟି କରୁଛି । ଏହା ଫ୍ଲିପ୍‌କାର୍ଟର ଯୋଗାଣ ଶୃଙ୍ଖଳାରେ ମହିଳାମାନଙ୍କ ବ୍ୟାପକ ଅଂଶଗ୍ରହଣ ସହିତ ଇ-କମର୍ସକୁ ଅଧିକ ସମାବେଶୀ କରିବାରେ ଯୋଗଦାନ ଦେବ ।